*ନିଜ ପାଇଁ ପରିଚୟ ସୃଷ୍ଟି କରିଥିବା ବ୍ୟକ୍ତିତ୍ୱ ସହ ଅନ୍ତରଙ୍ଗ ଆଳାପ*

# ପ୍ରଫୁଲ୍ଲ କୁମାର ପାଇକରାୟ

(ପ୍ରଫୁଲ୍ଲ କୁମାର ପାଇକରାୟ ଜଣେ ଅବସରପ୍ରାପ୍ତ ଓଡିଆ ବିଭାଗର ପ୍ରାଧ୍ୟାପକ। ତାଙ୍କର ଉଦ୍ୟମରେ ଜଟଣୀ ପୁସ୍ତକମେଳା ପ୍ରାୟ ୧୫ ବର୍ଷଧରି ଅନୁଷ୍ଠିତ ହେଉଛି। ତାଙ୍କର ଅନେକ ପୁସ୍ତକ ପ୍ରକାଶିତ ହୋଇଛି ସେଗୁଡ଼ିକ ମଧ୍ୟର ଅନେକ ଗବେଷଣାପାଇଁ ଅନେକ ତଥ୍ୟ ଦେଇଥାଏ। ତାଙ୍କୁ ସାକ୍ଷାତ କରିଥିଲେ ପ୍ରାଧ୍ୟାପକ ଡଃ ପ୍ରମୋଦ ଚନ୍ଦ୍ର ଦାଶ)

**ପ୍ରଶ୍ନ-୧-ଆପଣଙ୍କ ପିଲାଦିନର ସ୍ମରଣୀୟ ଘଟଣା କ'ଣ ଥିଲା ଏବଂ ତାହା କିପରି ପରବର୍ତ୍ତୀ ଜୀବନକୁ ପ୍ରଭାବିତ କରିଛି ?**

ପିଲାଦିନେ ଅଭାବ ଅସୁବିଧା ପ୍ରଚୁର ଥିଲା। ହଠାତ୍ ରୋଜଗାରିଆ ବଡ଼ଭାଇଙ୍କର ସ୍ୱର୍ଗାରୋହଣ ଯୋଗୁ ଆମ ପରିବାର ଦୁଃଖରେ କାଳ କାଟିଲୁ। ଏପରିକି ଦୈନନ୍ଦିନ ଚଳଣି ପାଇଁ କଷ୍ଟକର ହେଲା। ସେତେବେଳେ ମୋର ମାଟ୍ରିକ୍ ପାସ୍ ହୋଇଥିଲା ଓ ଖୋର୍ଦ୍ଧା ପ୍ରାଣନାଥ କଲେଜରେ ନାମ ଲେଖାଇ ପଢୁଥିଲି। ସାଇକେଲ୍ ଖଣ୍ଡିଏ ନଥିବାରୁ ଆଠ ମାଇଲ ଦୂର କଲେଜକୁ ଚାଲିକରି ଯିବା ଆସିବା କରୁଥିଲି। କଲେଜ୍ ସକାଳୁଆ ହେଉଥିବା ଯୋଗୁ କେଉଁଠି ଚାକିରି କରିବି ବୋଲି ଭାବୁଥିଲି। ଖୋର୍ଦ୍ଧା ପାଖ ଦଧିମାଛ ଗାଡ଼ିଆ ହାଇସ୍କୁଲ୍‌ରେ ହେଉଥିବା ଏକ ସାକ୍ଷାତକାରରେ ଯୋଗ ଦେଇ ସେଥିରେ ପ୍ରଥମ ହୋଇ ସେ ହାଇସ୍କୁଲ୍‌ରେ ଯୋଗଦେଲି। ମାତ୍ର ଯିବା ଆସିବାରେ ଅସୁବିଧା ହେତୁ ଘରପାଖ ବଡ଼ତୋଟାରେ ନୂତନ ହୋଇ ଖୋଲୁଥିବା ମାଇନର ସ୍କୁଲରେ ପ୍ରଧାନଶିକ୍ଷକ ଭାବେ ଯୋଗଦେଲି। କଲେଜ୍ ଓ ସ୍କୁଲକାର୍ଯ୍ୟ କରିବାକୁ କଠିନ ପରିଶ୍ରମ କରିବାକୁ ପଡୁଥିଲା। ତା ସହ ଘରର ତେଲଲୁଣ ସଂସାର। ମାତ୍ର ପଢ଼ିବା ଓ ପଢ଼ାଇବାରେ ଅପାର ଆନନ୍ଦ ପାଇଥିଲି। ତାହା ଏପର୍ଯ୍ୟନ୍ତ ଅବ୍ୟାହତ ରହିଛି। ଏହା ଏ ଯାଏ ଜୀବନ ଧାରାକୁ ପ୍ରଭାବିତ କରି ଶାନ୍ତି ଓ ସନ୍ତୋଷରେ ବଞ୍ଚାଇ ରଖିଛି।



**ପ୍ରଶ୍ନ-୨-ପିଲାଦିନରୁ ଅନେକ ଅସୁବିଧା ମଧ୍ୟରେ ଆପଣ ଗତିକରି ଆସିଛନ୍ତି। ଆପଣଙ୍କ ଶିକ୍ଷା କ୍ଷେତ୍ରକୁ ଏହା କିପରି ପ୍ରଭାବିତ କରିଛି ?**

ଅଭାବ ଅସୁବିଧା ଶିକ୍ଷା କ୍ଷେତ୍ରକୁ ଆଦୌ ପ୍ରଭାବିତ କରିନାହିଁ। ବରଂ କାଳିଦାସଙ୍କ ଭାଷାରେ ଦୁଃଖର ଘନଘଟା ମଧ୍ୟରେ ଯିଏ ସୁଖର ସନ୍ଧାନ କରିପାରନ୍ତି ସିଏହିଁ ଧୀର ବା ପଣ୍ଡିତ। ଏଇ ମହାନ ବାକ୍ୟକୁ ଅନୁସରଣ କରି ଜୀବନ ତରଣୀକୁ ଚଳାଇ ଆଣିଛି। ମନରେ ଯେତେ ଦୁଃଖ ଥିଲେ ମଧ୍ୟ କ୍ଲାସରେ ପଶିଗଲେ ସେ ଦୁଃଖ ଦୁର୍ଦ୍ଦଶା କୁଆଡ଼େ ଉଭେଇଯାଏ। ପିଲାମାନଙ୍କୁ ପଢ଼ାଇବାରେ ଏକ ଅନିର୍ବଚନୀୟ ଆନନ୍ଦ ପାଇଥାଏ। ସେଥିରେ ଏମ.ଇ କିମ୍ବା ଏମ.ଏ କ୍ଲାସ ମଧ୍ୟରେ ପାର୍ଥକ୍ୟ କିଛି ନଥାଏ। ମୋ ମତରେ ପ୍ରକୃତ ଅଭାବ ଅସୁବିଧା ମଣିଷର ମାର୍ଗଦର୍ଶକ ହୋଇଥାଏ। ତାର ଜୀବନ ଧାରାକୁ ରସାଣିତ କରିଥାଏ। ଅଭାବବୋଧରୁ ହିଁ ମଣିଷ ଅନେକ କଥା ଶିକ୍ଷା କରିଥାଏଜୀବନକୁ ମାର୍ଜିତ କରି ସତ୍ ପଥରେ ପରିଚାଳିତ ହେବାକୁ ପ୍ରେରଣା ପ୍ରଦାନ କରିଥାଏ। ଏବେବି ବିଭିନ୍ନ ଅଭାବ ଅସୁବିଧା ମଧ୍ୟରେ ଗତିକରୁଥିଲେ ମଧ୍ୟ ତାହା ସାଧାରଣ ଜୀବନ ଯାତ୍ରାକୁ ବ୍ୟାହତ କରିପାରିନାହିଁ। ତା ବ୍ୟତୀତ ଜନସାଧାରଣଙ୍କଠାରୁ ଅଫୁରନ୍ତ ସ୍ନେହସୌହାର୍ଦ୍ଦ୍ୟ ଲାଭକରି ଅଧିକ ଉତ୍ସାହିତ ହୋଇ କାର୍ଯ୍ୟ କରିବାକୁ ଉଦ୍‌ବୁଦ୍ଧ କରିଛି।

**ପ୍ରଶ୍ନ-୩-ବିଦ୍ୟାଳୟରେ ଶିକ୍ଷକତା ଓ ମହାବିଦ୍ୟାଳୟରେ ଅଧ୍ୟାପନା କରିବାକୁ କିପରି ସୁଯୋଗ ସୃଷ୍ଟିହେଲା ?**

ମୋର ବାପା ଓଡ଼ିଶାର ଜଣେ ବିଶିଷ୍ଟ ଶିକାରୀ ଥିଲେ। ମୁଁ ମାଟ୍ରିକ ପରୀକ୍ଷା ଦେଇଥିବା ବେଳେ ଖୋର୍ଦ୍ଧାରୋଡ୍ (ଜଟଣୀ)ର ଜଣେ ରେଲୱେ ବଡ଼ ଅଫିସର (ସାହେବ)ଙ୍କ ପାଖକୁ ମୋତେ ନେଇ ଯାଇଥିଲେ। ସେ ମୋତେ ଦେଖି ଖୁସିହୋଇ ବହୁ ସୁନେଲି ସ୍ୱପ୍ନ ଦେଖାଇଥିଲେ। ବାଟରେ ଆସିବା ବେଳେ ବାପାଙ୍କୁ ପଚାରିଲି ମୁଁ କଣ ରେଲୱେରେ ଚାକିରୀ କରିବି ?" ବାପା କହିଲେ

"ସାହେବ ତୋତେ ଦେଖିବାକୁ କହିବାରୁ ତା ପାଖକୁ ନେଇ ଯାଇଥିଲି। ମୁଁ ଆଶା କରୁଛି ତୁ ଶିକ୍ଷା ବିଭାଗରେ ଚାକିରୀ କରିବୁ।" ମୋର ପୂଜ୍ୟ ପିତାଙ୍କର ଇଚ୍ଛାକୁ ସମ୍ମାନ ଜଣାଇ ଶିକ୍ଷକତାକୁ ଆଦରି ନେଇଥିଲି। ସେତେବେଳେ ଅନ୍ୟ ଚାକିରୀ ସହଜଲଭ୍ୟ ଥିଲା। ସ୍କୁଲରେ ଶିକ୍ଷକତା କରିବାରେ ପିଲାମାନଙ୍କର ନିକଟତର ହେବାରେ ଯେଉଁ ଆନନ୍ଦ ମିଳୁଥିଲା ମହାବିଦ୍ୟାଳୟ କ୍ଷେତ୍ରରେ ସମାଲୋଚନା ତଥା ବିଶ୍ଳେଷଣ ମୂଳକ ପାଠ ପଢ଼ାଇବାରେ ସେଇ ଆନନ୍ଦ ମିଳିଥିଲା। ଛାତ୍ରଛାତ୍ରୀ, ସହକର୍ମୀ ଓ ଅନ୍ୟାନ୍ୟ କର୍ମଚାରୀଙ୍କଠାରୁ ଯେଉଁ

ଅମାପ ସ୍ନେହ ସହାନୁଭୂତି ପାଇଛି ତାହାକୁ ଏ ଜନ୍ମରେ ଶୁଝି ହେବନାହିଁ। ମୋର ପାଠପଢ଼ାରେ ଛାତ୍ରଛାତ୍ରୀମାନେ ଉଦ୍‌ବୁଦ୍ଧ ହେଉଥିବାର ଲକ୍ଷ୍ୟକରିଛି। ମୁଁ ମଧ୍ୟ ସେମାନଙ୍କୁ ଶିକ୍ଷା ଦେବାସହ ସେମାନଙ୍କଠାରୁ ବହୁକଥା ଶିକ୍ଷାକରିଛି ଓ ସେମାନଙ୍କର ଅନ୍ତରଙ୍ଗ ହୋଇ ପାରିଥିଲି।

**ପ୍ରଶ୍ନ-୪-ସାହିତ୍ୟିକ ଭାବେ ସମୟ ସମୟରେ ଅନେକ ପଦ୍ୟାଂଶ ଓ ଶ୍ଳୋକ ଆବୃତ୍ତି କରନ୍ତି। ଏହା ପଛରେ କଣ ରହିଛି ?**

ମୋର ପିଲାଦିନରୁ ଏଗୁଡ଼ିକ ପ୍ରତି ଅତ୍ୟନ୍ତ ମୋହ ରହିଥିଲା। ଗୋଟିଏ ବଡ଼ ଖାତାରେ ସେ ଗୁଡ଼ିକୁ ବିଭିନ୍ନ ବହିରୁ ଟିପି ରଖୁଥିଲି। ଅବସର ସମୟରେ ସେଗୁଡ଼ିକୁ ମନେପକାଉଥିଲି। ପଢ଼ାଇବା ସମୟରେ ଆବଶ୍ୟକତା ଅନୁସାରେ ସେ ଗୁଡ଼ିକର ବ୍ୟବହାର କରୁଥିଲି। ଆଗରୁ କିଛି କଲେଜ ପିଲା ଏ ସମ୍ପର୍କରେ ପ୍ରଶ୍ନ ମଧ୍ୟ କରିଛନ୍ତି। ଆଗ୍ରହଥିଲେ ସେଗୁଡ଼ିକ ସ୍ୱତଃ ମନେ ରହିଯାଏ। ଶ୍ରେଣୀଗୃହ ଓ ସଭାସମିତିରେ ବ୍ୟବହାର ହେବା ଯୋଗୁ ସେଗୁଡ଼ିକ ମନେ ରହିଯାଏ। କୌଣସି ବିଷୟ ବୁଝାଇବା ବେଳେ ସେଥିରୁ ଗୋଟିଏ ଗୋଟିଏ ଆବୃତ୍ତିକରି କହିଲେ ତାହା ଆକର୍ଷଣୀୟ ଓ ଆଦରଣୀୟ ହୋଇଥାଏ। ଶୁଣିଛି ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କର ପ୍ରାୟ ଅଢ଼େଇ ହଜାର କୋଟେସନ ମନେ ରହିଥିଲା। ଏବେ ପାଲାବାଲାମାନଙ୍କର ସ୍ମରଣଶକ୍ତି ଦେଖି ଆମେ ଆଶ୍ଚର୍ଯ୍ୟ ହୋଇଥାଉ। ଭଗବାନଙ୍କ ଆର୍ଶୀବାଦ ଥିଲେ ସବୁକଥା ସମ୍ଭବପର ହୋଇଥାଏ। ପଙ୍ଗୁ ଗିରି ଲଙ୍ଘନ କରିଥାଏ। ଏତ ସାଧାରଣ କଥା।

**ପ୍ରଶ୍ନ ୫-ପ୍ରବନ୍ଧ ଲେଖିବାକୁ ଆପଣ ଭଲ ପାଆନ୍ତି। କିଛି ପ୍ରବନ୍ଧ ଗ୍ରନ୍ଥ ମଧ୍ୟ ପ୍ରକାଶିତ ହୋଇଛି। ଏହା କିପରି ଆପଣଙ୍କୁ ଆତ୍ମତୃପ୍ତି ଦେଇଛି ?**

ସଂସ୍କୃତରେ ଗୋଟିଏ ଶ୍ଳୋକ ଅଛି। ତାର ଅର୍ଥ କବି ନିକଟରେ ତାର କବିତା ବ୍ରହ୍ମ ବିଦ୍ୟା କିମ୍ବା ରାଜଲକ୍ଷ୍ମୀଠାରୁ ଅଧିକ ମୂଲ୍ୟବାନ। ପ୍ରତ୍ୟେକ କବି ବା ଲେଖକ ପାଇଁ ଏହା ନିରାଟ ସତ୍ୟ। କଲେଜରେ ପାଠ ପଢ଼ାଇବା ବେଳେ ବିଭିନ୍ନ ବିଷୟର ବିଶ୍ଳେଷଣ କରିବାକୁ ହୋଇଥାଏ। ବେଳେବେଳେ ମନେହୁଏ ଏହାକୁନେଇ ପ୍ରବନ୍ଧଟିଏ ଲେଖିଲେ କିପରି ହୁଅନ୍ତା? ଏଇ ମନୋବୃତ୍ତିରୁ ପ୍ରବନ୍ଧର ଆରମ୍ଭ। କାବ୍ୟ କବିତା ପ୍ରାଚୀନ ସାହିତ୍ୟରେ ଯଥେଷ୍ଟ ଆଗ୍ରହଥିବା ଯୋଗୁ ସେ ସମ୍ପର୍କରେ ପ୍ରବନ୍ଧ ଲେଖିଛି। ବାଲ୍ମିକୀ ରାମାୟଣର ବାସ୍ତବତା ଉପରେ ଏକ ବିଶ୍ଳେଷଣାତ୍ମକ ଗ୍ରନ୍ଥ ରାମାୟଣ ଦର୍ଶନ ପ୍ରକାଶିତ ହୋଇ ସୁଧୀବର୍ଗଙ୍କର ପ୍ରଶଂସାଭାଜନ ହୋଇ ପାରିଛି। ନିକଟରେ ପ୍ରାକ୍‌ଭଞ୍ଜୀୟ କାବ୍ୟ କୌଶଳୀ ନାମକ ଚାରିଶହ ପଚାଶ ପୃଷ୍ଠାର ଏକ ସମାଲୋଚନା ଗ୍ରନ୍ଥ ପ୍ରକାଶିତ ହୋଇଛି। ଦଶଗୋଟି ସଂପାଦିତ ଗ୍ରନ୍ଥ ସହିତ ଦୁଇଗୋଟି କାବ୍ୟର ମୁଖବନ୍ଧ ସହ ଟୀକା ଟିପ୍ପଣୀ ପ୍ରଦାନ କରା ଯାଇଛି। ଆଉ ଅନ୍ତତଃ ଛଅ ଗୋଟି ଗ୍ରନ୍ଥ ପ୍ରକାଶିତ ହେବାକୁ ରହିଛି। ବହି ପ୍ରକାଶିତ ହେବାରେ ଲେଖକର ଆନନ୍ଦ ସମ୍ପର୍କରେ ଟିକିଏ ଆଗରୁ କହିଛି। ଏବେ ମଧ୍ୟ ସେଇ ଆନନ୍ଦରେ ବିଭୋର ହୋଇ ସମୟାତିବାହିତ କରୁଛି।

**ପ୍ରଶ୍ନ-୬-ରାମାୟଣ ସମ୍ପର୍କରେ ଆପଣଙ୍କର ବିଶେଷ ଆଗ୍ରହ ରହିଛି। ଏହାର କାରଣ କଣ ?**

ପୃଥିବୀର ଚାରିଗୋଟି ମହାକାବ୍ୟ ମଧ୍ୟରେ ରାମାୟଣ ହେଉଛି ଅନ୍ୟତମ। ଏହା ହେଉଛି ଭାରତୀୟ ଧର୍ମ, ଦର୍ଶନ, ସଂସ୍କୃତିର ଏକ ମନୋଜ୍ଞ ମଧୁକୋଷ। ଏହା କେବଳ ଏକ ପ୍ରତୀକାତ୍ମକ କୃତି ନୁହେଁ, ଯୁଗ ଯୁଗ ଧରି ବିକଶିତ ଗୋଟିଏ ପ୍ରାଣବନ୍ତ ସଂସ୍କୃତିର ମୂର୍ତ୍ତିମନ୍ତ ପ୍ରତୀକ। ଏହା ହେଉଛି ନୈତିକ ଆଦର୍ଶର ଗନ୍ତାଘର। ମହାଭାରତୀୟ ସଂସ୍କୃତିର ମନୋଜ୍ଞ ପରିପ୍ରକାଶ ତଥା ଏକ ମହତ୍ତ୍ୱପୂର୍ଣ୍ଣ ସମାଜ ଶାସ୍ତ୍ର। ରାମାୟଣର ବର୍ଣ୍ଣାଳୀ ପରମ୍ପରା ଶହ ଶହ ବର୍ଷ ଧରି ଏ ଦେଶର ତଥା ଦେଶ ବାହାରର ଅସଖ୍ୟ ଜନସାଧାରଣଙ୍କୁ ମନ୍ତ୍ର ମୁଗ୍ଧକରି ଆସିଛି। ଗ୍ରନ୍ଥକର୍ତ୍ତା ବାଲ୍ମିକୀ ଯାହା ଆଶା କରିଥିଲେ ଏ ପୃଥିବୀରେ ଯେତେଦିନ ପର୍ଯ୍ୟନ୍ତ ନଦୀ ପର୍ବତମାନେ ରହିଥିବେ ସେତେଦିନ ପର୍ଯ୍ୟନ୍ତ ରାମାୟଣ ମହାକାବ୍ୟ ପ୍ରସାର ଲାଭ କରୁଥିବ।

ଯାବତ୍ ସ୍ଥାସ୍ୟନ୍ତିଗିରୟଃ ସରିତଶ୍ଚ ମହୀତଳେ

ତାବଦ୍ରାମାୟଣ କଥା ଲୋକେଷୁ ପ୍ରଚରିଷୟତି(ବାଲକାଣ୍ଡମ୍୨/୩୬)

ଭାଷାଭାବ ବ୍ୟଞ୍ଜନାରେ ଦୀପ୍ତିବନ୍ତ, ଆଦର୍ଶ ଚରିତ୍ରର ଚିତ୍ରଶାଳା ଏଇ ସୃଷ୍ଟିଧର୍ମୀ ଆଦିକାବ୍ୟ ପାଇଁ ଆଗ୍ରହ ବହୁ ଦିନରୁ ରହିଥିଲା। କେବଳ ମିଥ୍ୟା ଭାକ୍ତକତାରେ ବିମୋହିତ ନହୋଇ ବାସ୍ତବତାର ବିକାଶରେ ଏକାବ୍ୟକୁ ବିଚାର କରିଛି। ରାମାୟଣ ସମ୍ପର୍କୀୟ ଦ୍ୱିତୀୟ ଗ୍ରନ୍ଥଟି ପ୍ରକାଶିତ ହେବାକୁ ଯାଉଛି। ଏ ଗ୍ରନ୍ଥପାଇଁ ଆଗ୍ରହ ବହୁ ଦିନରୁ ରହିଆସିଛି ଓ ରହିଥିବ ମଧ୍ୟ।

**ପ୍ରଶ୍ନ-୭-ଦୂରଦର୍ଶନ ଓ ଆକାଶବାଣୀରେ ଅନେକ କାର୍ଯ୍ୟକ୍ରମ ଆପଣ କରିଛନ୍ତି। କିଛି ଅନୁଭୂତି କହନ୍ତୁ।**

ମୋର ହୃଦୟ ଖୋଲି କହୁଛି ମୁଁ ସ୍ୱଭାବତଃ ଆତ୍ମପ୍ରଚାରର ବିରୋଧୀ। ଏ ଯୁଗରେ ପ୍ରାୟତଃ ସବୁକାମ ଚିହ୍ନାଜଣାରେ ହେଉଛି। ଜୀବନର ବ୍ୟକ୍ତିଗତ ସୁଖ ସୁବିଧା ପାଇଁ କାହାକୁ ହେଲେ କିଛି ଅନୁରୋଧ କରିନାହିଁ। କଟକ ଆକାଶବାଣୀ ଅକସ୍ମାତ ଗୋଟିଏ କାର୍ଯ୍ୟକ୍ରମ ଦେଇଥିଲେ। ତାହା ସୁଚାରୁରୂପେ ସମ୍ପାଦନ କରିଥିଲି। ଅନୁରୂପଭାବେ ଭୁବନେଶ୍ୱର ଦୂରଦର୍ଶନ ଚାରିପାଞ୍ଚଟି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ ପାଇଁ ସୁଯୋଗ ଦାନ କରିଥିଲେ। ଥରେ ଭଞ୍ଜ ଆଲୋଚନା ଚକ୍ରରେ ପ୍ରଫେସର ଗୌରୀ କୁମାର ବ୍ରହ୍ମା, ଡକ୍ଟର ପ୍ରଫୁଲ୍ଲ କୁମାର ଦାସଙ୍କ ସହ ମୋତେ ଅଂଶ ଗ୍ରହଣ ପାଇଁ ଡାକିଥିଲେ। କାର୍ଯ୍ୟକ୍ରମ ପରେ ପରେ ଉତ୍କଳର ସୁସାହିତ୍ୟିକ ପ୍ରଫେସର ପଠାଣି ପଟ୍ଟନାୟକ ମୋର ପ୍ରଶ୍ନୋତ୍ତରରେ ସନ୍ତୁଷ୍ଟ ହୋଇ ଫୋନ୍‌ରେ ପ୍ରଶଂସା କରିଥିଲେ। ଦୂରଦର୍ଶନ ବା ଆକାଶବାଣୀରେ ଅଂଶଗ୍ରହଣ କରିବା କାକତାଳୀୟ ରୀତିରେ ହୋଇଛି ବୋଲି ବିବେଚନା କରେ। ଅବଶ୍ୟ ସେଠାରେ କିଛି କହିବାକୁ ଯିବା ବେଳେ ପ୍ରସ୍ତୁତି ଆବଶ୍ୟକ ହୋଇଥାଏ। ତାହାଦ୍ୱାରା ମନରେ କିଛି ଆନନ୍ଦ ଜାତ ହୋଇଥାଏ। ଏ ପ୍ରଚାର ସର୍ବସ୍ୱ ଯୁଗରେ ଏ ସମ୍ପର୍କରେ ଅଧିକ କିଛି କହି ହେଉନାହିଁ।

**ପ୍ରଶ୍ନ-୮-ଏବେ ପୁସ୍ତକ ଅଧ୍ୟୟନ ପାଇଁ ସାଧାରଣ ଲୋକଙ୍କର ଆଗ୍ରହ କମିଯାଉଛି। ଆପଣ ପୁସ୍ତକମେଳା ମାଧ୍ୟମରେ ଲୋକଙ୍କର ପଠନ ପିପାସା ଚରିତାର୍ଥ କରିବା ପାଇଁ ଉଦ୍ୟମ କରୁଛନ୍ତି। ଏଉଦ୍ୟମ ସଫଳ ହେଉଛି କି ?**

ଆମେ ଅନୁଭବ କରୁଛୁ ପୁସ୍ତକମେଳା ଦ୍ୱାରା ସାଧାରଣ ଲୋକ ତଥା ଛାତ୍ର ଛାତ୍ରୀମାନଙ୍କର ପଠନସ୍ପୃହା ବିକଶିତ ହେଉଛି। ପୁସ୍ତକ ମେଳାକୁ ଆସୁଥିବା ବ୍ୟକ୍ତିମାନେ ହାତରେ କିଛି ବହି ଧରିଯିବାର ଦେଖିଲେ ଏହାର ସତ୍ୟତା ଜଣାଯାଏ। ତତ୍ ସମ୍ପର୍କୀୟ ଆଲୋଚନାରେ ମଧ୍ୟ ବହୁଲୋକ ହେଉଛନ୍ତି। ସାହିତ୍ୟ ସମ୍ପର୍କୀୟ ଆଲୋଚନାରେ ମଧ୍ୟ ପିଲାମାନେ ବହୁଭାବରେ ଯୋଗଦାନ କରୁଛନ୍ତି। ଆମେ ସେମାନଙ୍କୁ ପ୍ରରୋଚିତ ନକଲେ ସେମାନେ କରିବେ କଣ? ଆମରିସତ୍ୟ ସଂଗଠନ ଦ୍ୱାରା ପିଲାମାନଙ୍କୁ ନୀତିବୋଧରେ ଉଦ୍‌ବୁଦ୍ଧ କରିବା ପାଇଁ ଯେଉଁ ପ୍ରଚେଷ୍ଟା କରାଯାଉଛି ସେଥିରେ ଛାତ୍ରଛାତ୍ରୀମାନେ ବିଶେଷ ଆଗ୍ରହ ପ୍ରକାଶ କରୁଥିବା ମୋର ଅନୁଭବରେ ଆସିଛି। ଦୀର୍ଘ ପନ୍ଦର ବର୍ଷଧରି କୌଣସି ସରକାରୀ ସାହାଯ୍ୟ ନଥାଇ, ରାଜନୀତିଠାରୁ ମୁକ୍ତରହି ଜଟଣୀ ପୁସ୍ତକମେଳା ଉତ୍ତରୋତ୍ତର ଉନ୍ନତି କରୁଛି ଲୋକଙ୍କର ଆଗ୍ରହ ବଢୁଛି। ଓଡ଼ିଆ ଭାଷା ଓ ସାହିତ୍ୟର ଉନ୍ନତି ପାଇଁ ପୁସ୍ତକମେଳାର ଅପରିହାର୍ଯ୍ୟ ଆବଶ୍ୟକତା ରହିଛି। ଆସନ୍ତୁ ଆମେ ସମସ୍ତେ ଏଥିସହ ସାମିଲ ହେବା।

**ପ୍ରଶ୍ନ-୯-ଆପଣଙ୍କର ଗୋଟିଏ ବ୍ୟକ୍ତିଗତ ପୁସ୍ତକାଗାର ରହିଛି। ଏହା ଆପଣଙ୍କୁ ଲେଖାଲେଖିରେ ସହାୟତା ହେଉଛି। ଏହାର ଭବିଷ୍ୟତ କଣ?**

ଏବେବି ବିଭିନ୍ନ ଗ୍ରନ୍ଥଗୁଡ଼ିକୁ ପାଠ କରୁଛି। ସେ ଦିନ ଜଣେ ଅଧ୍ୟାପକ ଛାତ୍ର ଭୁବନେଶ୍ୱର ରାମମନ୍ଦିର ପାଖରେ ଗାଡ଼ି ରଖିବାକୁ କହିବାରେ ସେ ପଚାରିଲେ, "ସାର, କଣ ମନ୍ଦିର ଯିବେ"। ମୁଁ କହିଲି , "ମୋର ମନ୍ଦିରରେ କାମନାହିଁ, ପୁରୁଣା ବହି ଦୋକାନକୁ ଯିବି। ସେ କହିଲା ଆପଣପରା ୧୨/୧୩ ବର୍ଷ ହେଲା ଅବସର ନେଲେଣି, ଆଉ ପୁଣି ବହି କାହିଁକି କିଣିବେ," ତାକୁ କିଛି କହି ତାର ମନ ସନ୍ତୋଷ କଲି। କିଛି କିଛି ଶିକ୍ଷିତ ବ୍ୟକ୍ତି ସାହିତ୍ୟର (ବିଶେଷତଃ ପ୍ରାଚୀନ ସାହିତ୍ୟ ସମ୍ପର୍କରେ) ବିଭିନ୍ନ ବିଷୟରେ ପ୍ରଶ୍ନ ପଚାରନ୍ତି ସେଥିପାଇଁ ଗ୍ରନ୍ଥ ଗୁଡ଼ିକର ଆବଶ୍ୟକତା ରହିଛି। ନିଜେ କୌଣସି ସନ୍ଦେହର ମୋଚନ ପାଇଁ ଗ୍ରନ୍ଥର ଆବଶ୍ୟକତା ଅପରିହାର୍ଯ୍ୟ ହୋଇଥାଏ। ବହି ଗୁଡ଼ିକର ଭବିଷ୍ୟତ ବିଷୟରେ କିଛି ଚିନ୍ତା କରିନାହିଁ। ଗୋଟିଏ ଗବେଷଣା ଅନୁଷ୍ଠାନ ହେଲେ ବହିଗୁଡ଼ିକର ମୂଲ୍ୟ ରହନ୍ତା। ମାତ୍ର ସେଥିପାଇଁ ମୋର ସାଧନା କାହିଁ? ଦେଖିବି ଭବିଷ୍ୟତରେ କଣ କରିବାକୁ ହେବ ତାର କିପରି ସଦୁପଯୋଗ ହେବ ସବୁ ଈଶ୍ୱରଙ୍କ ଇଚ୍ଛା ଉପରେ ନିର୍ଭର କରେ।

**ପ୍ରଶ୍ନ-୧୦-ଆପଣଙ୍କର ଅନେକ ପାଣ୍ଡୁଲିପି ଅପ୍ରକାଶିତ ରହିଅଛି। ଏହାର ଭବିଷ୍ୟତ ସମ୍ପର୍କରେ କହିବେକି?**

ସତରେ ଅନ୍ତତଃ ଛଅ ସାତ ଗୋଟି ଗ୍ରନ୍ଥ ପ୍ରକାଶିତ ହେବା ପାଇଁ ରହିଛି। ଏବେ ପାଣ୍ଡୁଲିପିର ପ୍ରକାଶନ ପାଇଁ ପ୍ରକାଶକମାନଙ୍କୁ ଅନ୍ତତଃ କାଗଜ ଖର୍ଚ୍ଚ ଦେବାକୁ ପଡୁଛି। ମୋର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନୁହେଁ, ତଥାପି ତାହା ମଧ୍ୟରେ କିଛି ବହି ପ୍ରକାଶ ପାଇଁ ଚେଷ୍ଟା କରୁଛି। କିଛି ଅନୁଷ୍ଠାନ ବା ବ୍ୟକ୍ତି ବିଶେଷ ଏ ଦିଗରେ ସହାୟତା କରୁଛନ୍ତି। ମୁଁ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ଅନ୍ୟକୁ ଅନୁରୋଧ କରିବାକୁ ଚାହୁଁନାହିଁ, କିନ୍ତୁ ମୋର ଜୀବନ କାଳ ମଧ୍ୟରେ ବହିଗୁଡ଼ିକ ପ୍ରକାଶିତ ହୋଇଗଲେ ଜୀବନର ଗୋଟିଏ ବଡ଼ ଅଭିଳାଷ ପୂରଣ ହୋଇ ପାରନ୍ତା। କଥାରେ ଚୁଡ଼ା ତିନ୍ତେ ନାହିଁ ସେଥିପାଇଁ ପାଣି ଦରକାର। ପିଲା ନ କାନ୍ଦିଲେ ମା କ୍ଷୀର ଦିଏ ନାହିଁ। ଜଣକୁ ଅନୁରୋଧ ନକଲେ ସେ କିପରି ସାହାଯ୍ୟ କରିବେ? ଯାହାହେଉ ପ୍ରଚେଷ୍ଟା ଓ ଭଗବାନଙ୍କ କରୁଣାରୁ ଏହା କୃତକାର୍ଯ୍ୟ ହୋଇପାରେ।

**ପ୍ରଶ୍ନ-୧୧-ଆପଣଙ୍କ ବ୍ୟକ୍ତିଗତ ଜୀବନରକିଛି ଅନୁଭୂତି ଦିଅନ୍ତୁ।**

ଅନୁଭୂତି ଅନେକ। ଗୋଟିଏ ଖରାପ ଅନୁଭୂତିର ଉଦାହରଣ ଦେଉଛି। ଥରେ ଗୋଟିଏ ଇଲେକ୍‌ସନ୍ ଡ୍ୟୁଟିରେ ଚାରିଜଣ ସହାୟକଙ୍କ ସହ ଗୋଟିଏ ଗାଁକୁ ଯାଇଥିଲି। ସେମାନଙ୍କ ମଧ୍ୟରୁ ଜଣେ ଗୋଟିଏ ଅନୈତିକ କାର୍ଯ୍ୟରେ ଜଡ଼ିତହୋଇ ପଡ଼ିଲେ। ସେ ବ୍ୟକ୍ତି ବିବାହିତ ଓ ଗୋଟିଏ ସନ୍ତାନର ଜନକ। ଭୋଟଦିନ ସକାଳୁ ଉଠିବା ବେଳକୁ ଦୁଇଶହ ପ୍ରାୟ ଲୋକ ଆମକୁ ଘେରାଉ କରିଛନ୍ତି। ସମସ୍ତେ ସଶସ୍ତ୍ର। ମୁଁ ଧୈର୍ଯ୍ୟଧରି ସେଠାରେ ଥିବା ଗ୍ରାମ ମୁଖିଆଙ୍କ ପାଖକୁ ଯାଇ କହିଲି, ଆମ ହାତରେ ଦୁଇଜଣ ହୋମଗାର୍ଡ଼। ତାଙ୍କ ହାତରେ ଦୁଇଖଣ୍ଡ ବାଡ଼ି. ଆମକୁ ମାରିବା ପାଇଁ ଏତେ ଲୋକ ଆସିଛନ୍ତି କାହିଁକି? ମୁଁ ତ ଆପଣଙ୍କ ପାଖକୁ ଆସିଛି। ଯଦି ମାରିବେ ମତେ ମାରନ୍ତୁ। ସେ କହିଲେ, ଆପଣ ଦେବତାତୁଲ୍ୟ ଲୋକ। ଆପଣଙ୍କୁ ମାରିବାକୁ କାହାହାତ ଯିବ। ଗ୍ରାମ୍ୟଭାଷା ଲଗାଇ ସେହି ଅସାଧୁ ବ୍ୟକ୍ତିକୁ ହସ୍ତାନ୍ତର କରିବାକୁ ଦାବିକଲେ। ସେମାନଙ୍କୁ ବୁଝାଇ କହିଲି ଇଲେକ୍‌ସନ୍ ସରିଲେ। ଆପଣଙ୍କ ଗାଁରେ ବସି ନ୍ୟାୟ କରିବା ସେଥିରେ ଆପଣମାନେ ଯାହା ନିଷ୍ପତ୍ତି ନେବେ ସେଥିରେ ମୁଁ ଏକମତ ହେବି। ସନ୍ଧ୍ୟାରେ ମିଟିଂ ହେଲା ମୁଁ ସେମାନଙ୍କୁ ଯଥାସମ୍ଭବ ବୁଝାଇ ପାଞ୍ଚଶହ ଏକଟଙ୍କା ଜୋରିମାନା ଦେଇ ତାକୁ ଭୁଲ ମଗାଇ ତାର ସମାଧାନ କଲି। ଏବେବି ସେ ଘଟଣା ସେ ଅଞ୍ଚଳର ପୁରୁଣା ଲୋକମାନଙ୍କର ସ୍ମରଣୀୟ ହୋଇ ରହିଛି।

**ପ୍ରଶ୍ନ-୧୨-ଆପଣଙ୍କର ଭବିଷ୍ୟତର ଲକ୍ଷ୍ୟ କଣ ଅଛି?**

ଜୀବନର ଶେଷ ଭାଗରେ ଆଉ ଭବିଷ୍ୟତ କ'ଣ ଥାଏ। ଜଣେ ଓଡ଼ିଆ ଗୀତିକାରଙ୍କ ଭାଷାରେ, "ରାଧା ଗୋବିନ୍ଦ ଭଂଜ, ଜୀବ ଯିବାକୁ ହେଲାଣି ସଜ"। ଏବେ ୭୫ ବର୍ଷରେ ପଦାର୍ପଣ କରିଚି। ଦେହ ଭଲ ରହୁନାହିଁ। ଚିକିତ୍ସା କରାଗଲେ ମଧ୍ୟ ତାହା ସବୁ ଫଳ ପ୍ରଦ ହେଉନାହିଁ। ତାରି ମଧ୍ୟରେ ମୋର ଅପ୍ରକାଶିତ ଗ୍ରନ୍ଥ ଗୁଡ଼ିକ କିପରି ପ୍ରକାଶିତ ହୁଅନ୍ତା ସେଥି ପାଇଁ ଚିନ୍ତା କରୁଛି। ଅନ୍ତତଃ ଚାଳିଶ ବର୍ଷର ଶିକ୍ଷକତା ଭିତରେ ମୋର ଛାତ୍ରଛାତ୍ରୀମାନଙ୍କୁ ନୀତିନିଷ୍ଠ ଓ କର୍ତ୍ତବ୍ୟ ପରାୟଣ କରିବାକୁ ଯଥା ସମ୍ଭବ ଚେଷ୍ଟା କରିଛି। ସେମାନଙ୍କ ମଧ୍ୟରୁ ଅନେକଙ୍କ ଉପରେ ଏହି ପ୍ରଭାବ ପଡ଼ିଥିବ ମନେହୁଏ। ମାତ୍ର ଏବେ ଶିକ୍ଷା ବ୍ୟବସାୟ ଭିତ୍ତିକ ହୋଇଛି। ଛାତ୍ର ଛାତ୍ରୀମାନେ ଆଶୁଲାଭ ପ୍ରୟାସୀ ତଥା ଜଡ଼ବାଦୀ ହୋଇ ପଡୁଛନ୍ତି। ଛୋଟ ଛୋଟ କଥାରେ ହିଂସା ମୁଖୀ ହୋଇ ପଡୁଛନ୍ତି। ଏଗୁଡ଼ିକ ଦେଖି ମନ ଦୁଃଖ ହେଉଛି। ଦେଶର ଭବିଷ୍ୟତମାନଙ୍କଠାରୁ ଏହା ଆଶା କରାଯାଇନପାରେ। ଏହି ଅଶାନ୍ତ ବାତାବରଣରେ ଭବିଷ୍ୟତ କଣ ହେବ?

ପ୍ରଶ୍ନ-୧୩-ଜୀବନର ଅପରାହ୍ନରେ ଆପଣ ଏବେ ବି ଅଧ୍ୟୟନରତ। ଏହାଦ୍ୱାରା ଆପଣଙ୍କ ଜୀବନଧାରାରେ କିଛି ଅସୁବିଧା ହେଉଛି କି ?

ପଢ଼ିବା, ପଢ଼ାଇବା, ଆଲୋଚନା କରିବା, ସଭା ସମିତିରେ ଭାଷଣ ଦେବାରେ ମୋତେ ଯଥେଷ୍ଟ ଆନନ୍ଦ ମିଳେ। ତାହାଦ୍ୱାରା ଜୀବନରେ ଶାନ୍ତି ଓ ସନ୍ତୋଷ ମିଳିଥାଏ। ଜୀବନ କାଳ ମଧ୍ୟରେ ସେହି ସବୁ କାମ କରି ଅସିଛି। ତାହା ଦ୍ୱାରା କୌଣସି ଅସୁବିଧା ହୋଇନାହିଁ ବରଂ ଜୀବନ ଚଳଣିରେ ଏହା ଏକ ଅପରିହାର୍ଯ୍ୟ ଅଙ୍ଗ ହୋଇ ରହିଛି। ସେଥିରେ ଅଲୌକିକ ଆନନ୍ଦ ପାଇବା ସହ ଶାନ୍ତି ଲାଭର ପଥ ସୁଗମ ହୋଇଛି। ମୋ ପାଇଁ ଭଗବାନଙ୍କର ଏହା ଏକ ଆଶୀର୍ବାଦ ବୋଲି ବିଚାର କରେ।

**ପ୍ରଶ୍ନ-୧୪-ସାଂପ୍ରତିକ ଯୁବ ପୀଢ଼ିଙ୍କ ପାଇଁ ଆପଣଙ୍କ ପରାମର୍ଶ କଣ ?**

ସାଂପ୍ରତିକ ଯୁବପୀଢ଼ି ପ୍ରାୟତଃ ତ୍ୟାଗ ଅପେକ୍ଷା ଭୋଗ ପାଇଁ ବ୍ୟଗ୍ର। ସହଜଲଭ୍ୟ ବସ୍ତୁ ପାଇଁ ସେମାନେ ଲାଳାୟିତ। ସେମାନେ ଜଡ଼ବାଦୀ ହୋଇ ପଡୁଛନ୍ତି। ସତ୍ୟ, ନୀତି, ଧର୍ମ ସଂସ୍କୃତିରୁ ସେମାନେ ବିଚ୍ୟୁତ ସ୍ୱାର୍ଥ ସର୍ବସ୍ୱ ହୋଇ ପଡୁଛନ୍ତି। କଠିନ ପରିଶ୍ରମ ବିମୁଖ ହୋଇ ସେମାନେ ଆଶୁଲାଭ ପ୍ରୟାସୀ ହୋଇପଡୁଛନ୍ତି। ଯେଉଁମାନେ ଦେଶର ଜାତିର ଭବିଷ୍ୟତ ସେମାନେ ଏପରି ହେଲେ ଦେଶ ଧ୍ୱଂସ ଆଡ଼କୁ ଯିବ। ସେମାନଙ୍କ ପାଇଁ ଆମର ପରାମର୍ଶ ସେମାନେ କଠିନ ପରିଶ୍ରମ କରନ୍ତୁ। ମନରୁ ସଂକୀର୍ଣ୍ଣତା ଭାବ ପରିହର କରି ସର୍ବ ସାଧାରଣଙ୍କ ମଙ୍ଗଳ ଚିନ୍ତା କରନ୍ତୁ। ପିତା ମାତା ଗୁରୁ ଗୁରୁଜନଙ୍କୁ ଭକ୍ତି କରନ୍ତୁ, ଦେଶ ଓ ଜାତି ପାଇଁ ଯେ କୌଣସି ତ୍ୟାଗ କରିବାକୁ ପ୍ରସ୍ତୁତ ହୁଅନ୍ତୁ। ଭାଷା ଓ ସାହିତ୍ୟର ଉନ୍ନତି ପାଇଁ ଚେଷ୍ଟା କରନ୍ତୁ। ସେମାନେ ବିନୟୀ ହୋଇ ଜାଣନ୍ତୁ।

ଭୂମେ ର୍ଗରୀୟସୀ ମାତା ସ୍ୱର୍ଗାଦୁଚ୍ଚତର ପିତା
ଜନନୀ ଜନ୍ମ ଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ"

**ପ୍ରଶ୍ନ-୧୫-'ଆମରିସତ୍ୟ' ପତ୍ରିକାର ଆପଣ ଜଣେ ନିୟମିତ ପାଠକ। ଏହାର ଭବିଷ୍ୟତ ସମ୍ପର୍କରେ ଆପଣଙ୍କ ମତାମତ କଣ ?**

'ଆମରିସତ୍ୟ' ଖୋର୍ଦ୍ଧାରୁ ବାହାରୁଥିବା ଏକ ସାର୍ଥକ ମାସିକ ପତ୍ରିକା। ଏହା ମୁଖ୍ୟତଃ ସ୍କୁଲ ପିଲାମାନଙ୍କ ପାଇଁ ଅଭିପ୍ରେତ ହୋଇଥିଲେ ମଧ୍ୟ ଜନସାଧାରଣଙ୍କ ପାଇଁ ବହୁ ଉପାଦେୟ ଉପାଦାନ ଏଥିରେ ରହିଥାଏ। ବିଶେଷତଃ ଯେଉଁ ନୀତିବାଣୀଗୁଡ଼ିକ ପ୍ରତିପୃଷ୍ଠାର ତଳେ ଦିଆ ଯାଉଛି ସେଗୁଡ଼ିକ ସମସ୍ତଙ୍କ ପାଇଁ ଖୁବ୍ ଉପଯୋଗୀ ହୋଇଥାଏ। ବିଭିନ୍ନ ତଦ୍‌ବିଦ୍‌ମାନଙ୍କଦ୍ୱାରା ଲିଖିତ ଏଇ ପତ୍ରିକାଟି ଖୁବ୍ ସୁଖପାଠ୍ୟ ହୋଇଥାଏ। ଦୀର୍ଘ ଦିନଧରି ପ୍ରକାଶିତ ହେଉଥିବା ଏପତ୍ରିକାଟି ତାର ଧାରାବାହିକତା ରକ୍ଷା କରି ଆସିଛି। ବିଶେଷତଃ ପିଲାମାନଙ୍କ ସିଲାବସକୁ ନେଇ ବହୁ ଉପଯୋଗୀ ଲେଖା ଏଥିରେ ପ୍ରକାଶିତ ହେଉଛି। ଜ୍ଞାନର ପରିସର ବୃଦ୍ଧି କରିବାକୁ ଏହାର ଅପରିହାର୍ଯ୍ୟ ଆବଶ୍ୟକତା ଅଛି। ଆମ ଅଞ୍ଚଳର ମାସିକ ପତ୍ରିକାମାନଙ୍କ ମଧ୍ୟରେ ଏହାର ଏକ ସ୍ୱତନ୍ତ୍ର ସମ୍ମାନଜନକ ସ୍ଥାନ ରହିଅଛି। ଏ ପତ୍ରିକାର ଉତ୍ତରରୋତ୍ତର ଉନ୍ନତି କାମନା କରୁଛି।

# ପ୍ରାଚୁର୍ଯ୍ୟର ଋତୁ

**ଶ୍ରୀମତୀ ନଳିନୀ ପ୍ରଭା ମିଶ୍ର**

ଶିଶିର ମୁକୁତା ଦୁର୍ବାଦଳ ଦେହେ
ପତିତ ରବି କିରଣ ମାନସକୁ ମୋହେ
ସେ ଯେ ଶୀତ ରାଣୀ ,
ଥିରି ଥିରି ପାଦଥାପି ମର୍ତ୍ତ୍ୟେ ଆସିଲାଣି।
ଦିବସର କ୍ଷୀଣ ଆୟୁ ରାତ୍ରି ଯାମ ବଢ଼େ,
ରଜନୀରେ ଆକାଶରୁ ହିମ ଟୋପା ପଡ଼େ,
ଜାଡ଼ଶୀତର କଷ୍ଟରେ,
ଅତିଷ୍ଠ ହୁଅନ୍ତି ସର୍ବେ ପଶୁପକ୍ଷୀନରେ।
ପ୍ରଭାତରେ ଚଉଦିଗେ କୁହେଳୀ ଆସ୍ତର,
ଭୂପୃଷ୍ଠେ ପତିତ ହୁଏ ନାହିଁ ରବିଙ୍କର,
ପଦ୍ମଫୁଟେ ନାହିଁ ଡରେ
ଗଙ୍ଗ ଶିଉଳି ଲୋଟଇ ଝଡ଼ି ଭୂମିପରେ।
ଶୀତରେ ଥରଇ ଦିହ, ଖରା ମାରେ ଋଇଁ
କେତେ ଶୀଘ୍ର ବେଳଗଡ଼େ ସଂଜ ଆସେ ନଇଁ
ଖେଳିବାକୁ ନାହିଁ ତର,
ପାଠ ପଢ଼ାପାଇଁ ପିଲେ ହୁଅନ୍ତି ତତ୍ପର।
ଧାନକଟା ବେଳ ଏବେ ଋଷୀ ତା କରମେ,
ଲାଗିଥାଏ ଅହରହ ନିଜପରିଶ୍ରମେ,
ଖଳାବାଡ଼ି ଲିପାହୋଇ
ଲକ୍ଷ୍ମୀ ସମ୍ଭାରରେ ଶୋଭାମୟ ଦିଶୁଥାଇ।
ପ୍ରଥମାଷ୍ଟମୀ ମାଣ ବସା ଗୁରୁବାର,
ଘରେ ଘରେ ପିଠାପଣା ନାନା ପରକାର
ପଦ୍ମାଳୟା ଆଗମନ
ଘଣ୍ଟ, ଘଣ୍ଟା ଶବଦରେ କମ୍ପଇ ଭବନ
କୋବି, ମୂଳା ଓ ଗାଜର ଟମାଟୋ କାକୁଡ଼ି,
ଆଖୁଶାଳେ ଆଖୁପଣା, ସଜ ଭଜା ମୁଢ଼ି
ଚିନାବାଦାମ ସହିତେ,
ଖାଇବାର ଚିଜମିଳେ ଏଋତୁରେ କେତେ।
ଦେଲେ ହେଁ ସିଏତ କଷ୍ଟ ଆମକୁ ବହୁତ,
ପ୍ରାଚୁର୍ଯ୍ୟ ଋତୁ ଏହି କରିବା ସ୍ୱାଗତ,
ଆଳସ୍ୟତାକୁ ବରଜି
କର୍ମଯୋଗୀ ହୋଇ କରମରେ ଯିବା ମଜି।

**ପ୍ରଧାନ ଶିକ୍ଷୟିତ୍ରୀ, ପ୍ରା.ବିଦ୍ୟାଳୟ,ବରଗାଁ**
**ଆସ୍କା,ଗଂଜାମ**